ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

22nd June, 2019

# ଆଇଆଇଟି ଓ ରେଳବାଇରେ ଯୋଗ ଦିବସ



ଜଟଣୀ,୨୧।୬(ନି.ପ୍ର): ଆଇଆଇଟି ଏବଂ ଖୋର୍ଦ୍ଧାରୋଡ଼ ରେଳବାଇରେ ୫ମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ସକାଳ ସାଢ଼େ ୬ଟାରେ ଆଇଆଇଟି ପରିସରରେ ଯୋଗ ଦିବସ ପାଳନ କରାଯାଇଥିଲା। ସତ୍ୟ ରଞ୍ଜନ ସାହୁ ଯୋଗାଭ୍ୟାସ କରାଇଥିଲେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଭି.ରାଜକୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗାଭ୍ୟାସ ଏବଂ ଏହାର ଉପକାରିତା ଉପରେ ଦୃଷ୍ଟିପାତ କରିଥିଲେ। ଆଇଆଇଟି ରେଜିଷ୍ଟ୍ରାର ଡ଼. ସୁବୋଧ କୁମାର, ଯୁଗ୍ମ ରେଜିଷ୍ଟ୍ରାର ଦେବରାଜ ରଥ ଯୋଗ ଦେଇଥିଲେ। ଡ଼.ଶ୍ରୀକାନ୍ତ ଗୋଲପୁଡ଼ି ଏବଂ ଡ଼.ବଙ୍କିମ ଚନ୍ଦ୍ର ମଣ୍ଡଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଡ଼ିନ୍ ଡ଼.ଭି.ଆର.ପିଡ଼ିରେଡ଼ି, ଡ଼.ଶଙ୍କର୍ଷଣ ମହାପାତ୍ର ସହାୟତା କରିଥିଲେ। ସେହିପରି ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ତରଫରୁ ରେଳବାଇ ଅଫିସର୍ସ କ୍ଲବରେ ଯୋଗ ଦିବସ ପାଳନ କରାଯାଇଥିଲା। ଡ଼ିଆରଏମ୍ ଶଶୀକାନ୍ତ ସିଂହ,ଏଡ଼ିଆରଏମ ରାଜ କୁମାର ଏବଂ ରେଳବାଇ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ଶ୍ରୀମତି ପୂର୍ଣ୍ଣିମା ସିଂହ ଅତିଥି ଭାବେ ଯୋଗ ଦେଇଥିଲେ। ଜଟଣୀ ପତଞ୍ଜଳୀ ଯୋଗ ସମିତିର ଗୁରୁ କୈଳାସ ଖଣ୍ଡେଲୱାଲ ଯୋଗ ଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଯୋଗାସନ ଏବଂ ପ୍ରାଣାୟମ ଶିକ୍ଷା ଦେଇଥିଲେ। ଡ଼ିପିଓ ଶ୍ରୀ ରାଜେଶ୍ୱର ଡ଼ିଗା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖଣ୍ଡୁଆଳୀ ମନ୍ଦିର ପରିସରରେ ଜଟଣୀ ପତଞ୍ଜଳୀ ଯୋଗ କେନ୍ଦ୍ରରେ ଯୋଗ ଦିବସ ପାଳିତ ହୋଇଥିବା ଏହାର ମୁଖ୍ୟ ଜବାହରଲାଲ ସୁବୁଦ୍ଧିଙ୍କଠାରୁ ପ୍ରକାଶ।